The Odisha Gazette

EXTRAORDINARY

PUBLISHED BY AUTHORITY

No. 4820 CUTTACK, THURSDAY, NOVEMBER 13, 2025/KARTIKA 22, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

The 6th October 2025

S.R.O. No. 1412/2025—ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥିନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. **ପ୍ରକଳ୍ପ ବିକାଶକାରୀଙ୍କ ନାମ:** – Superintending Engineer, Kalahandi (R&B) Division, Bhawanipatna.

୨. **ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ:** – Construction of H.L.Bridge over river Hati on BanijaraChhak to GhulijubaChhak via- Budel -Maliguda Road.

୩. **SIA ସର୍ବେକ୍ଷଣ ଅନୁଷ୍ଠାନ :–** M/s AMROOSHA, Bhubaneswar an empanelled agency under Nabakrushna Choudhary Centre for Development Studies, Bhubaneswar.

୪. **SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-** Nabakrushna Choudhury Centre for Development Studies (NCDS), Bhubaneswar, Phone No.- 0674-2300471, 2301094.

୫. ପ୍ରକଳ୍ପ ପାଇଁ କଳାହାଣ୍ଡି ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ / ତଫସିଲ

କ୍ରମିକ ନମ୍ବର	ତହସିଲ	ଗ୍ରାମ ପଞ୍ଚାୟତ	ଗ୍ରାମ	ବେସରକାରୀ ଜମି
୦୧	ଜୁନାଗଡ	ମାଲିଗୁଡା	ବୁଦେଲ	୦.୦୯୦ ଏକର
			ମୋଟ	**୦.୦୯୦ ଏକର**

ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

(କ) ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ:-କଳାହାଣ୍ଡି ଜିଲ୍ଲାର ଜୁନାଗଡ ତହସିଲ ଅନ୍ତର୍ଗତ ୦୧ ଗୋଟି ମୌଜା ଯଥା ବୁଦେଲ ଠାରେ ମୋଟ ଏ.୦.୦୯୦ ଘରୋଇ ଜମିରେ **"H.L.Bridge over river Hati on Banijara Chhak to Ghulijuba Chhak via- Budel- Maliguda Road"** ନିର୍ମାଣ ନିମନ୍ତେ, Superintending Engineer, Kalahandi (R&B) Division, Bhawanipatna ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

(ଖ) SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :- କଳାହାଣ୍ଡି ଜିଲ୍ଲାରେ ଉପରୋକ୍ତ ୦୧ଗୋଟି ମୌଜା ରେ ଏ. ୦.୦୯୦ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ।

(ଗ) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ।

(ଘ) SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟରେ ସ୍ଥାନିତ ହେବ । ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ ।

(ଙ) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୂଚିତ ହେବ ।

ପ୍ରକଳ୍ପ ପାଇଁ କଳହାଣ୍ଡି ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ/ତଫସିଲ

ଭୂମି ଅନୁସୂଚି

ପ୍ରକଳ୍ପର ନାମ :- **ବୁଦେଲ - ମାଲିଗୁଡା ରାସ୍ତାରେ ବଣିଜରା ଛକ ଠାରୁ ଘୁଲିଯୁବା ଛକ ପର୍ଯ୍ୟନ୍ତ ହାତୀ ନଦୀ ଉପରେ ସୁଉଚ୍ଚ ପୋଲ ନିର୍ମାଣ**

ମୌଜା :- **ବୁଦେଲ**

ଅଧିକୃତ ରକବା :-ଏ.୦.୦୯୦ଡି.

ଥାନା :- ଜୁନାଗଡ

ତହସିଲ :- ଜୁନାଗଡ

ଜିଲ୍ଲା :- **କଳାହାଣ୍ଡି**

କ୍ର. ନଂ.	ଗ୍ରାମ	ଖାତା ନମ୍ବର	ପ୍ଲଟ ନମ୍ବର	କିସମ	ମୋଟ ରକବା	ଅଧିକୃତ ରକବା	ରୟତର ନାମ
୧	୨	୩	୪	୬	୭	୮	୯
୧	ବୁଦେଲ	୨୩୫	୬୪୫	ଘରବାରି	୦.୦୨୦	୦.୦୨୦	ମହେଶ୍ୱର ଗଉଡ, ଦାମା ଗଉଡ, ପି- ନରସିଂହ ଗଉଡ, ସନ୍ତୋଷ ଗଉଡ, ସାଧୁ ଗଉଡ, ଦାସ ଗଉଡ, ବାସ ଗଉଡ, ମଥୁରା ଗଉଡ, କୁନ୍ଦତି ଗଉଡ, ପି- ସମେଶ୍ୱର ଗଉଡ, ଗୁରୁବାରି ଗଉଡ, ସ୍ୱା- ସମେଶ୍ୱର ଗଉଡ, ଜା- ଗଉଡ, ବା- ନିଜଗାଁ
୨			୬୪୬	ଘରବାରି	୦.୦୧୦	୦.୦୧୦	
୩		୨୭୬	୩୨୨	ମାଳ	୩.୫୫୦	୦.୦୫୦	ସରୋଜିନୀ କୁମାରୀ ସିଂହ, ସ୍ୱା- ବକ୍ରତୁଣ୍ଡ ପ୍ରସାଦ ସିଂହ, ଜା- କ୍ଷତ୍ରିୟ, ବା- ନିଜଗାଁ
୪		୩୧୭/୫୮	୫୨୩	ଘରବାରି	୦.୦୧୦	୦.୦୧୦	ଦଧିଚନ୍ଦ୍ର ପାଢି, ପି- ନରସିଂହ ପାଢି, ଜା- ବ୍ରାହ୍ମଣ, ବା- ନିଜଗାଁ
					ମୋଟ	୦.୦୯୦	

[No. 37501—RDM-LAB-KLD-0005/2025-R&DM]

ରାଜ୍ୟପାଳଙ୍କ ଆଦେଶାନୁସାରେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 4030—173+30